COMMISSIONER OF COMMERCIAL TAXES • ODISHA, CUTTACK • 1? DEC 2014

ଜରୁରୀ

2007
17/12/14

ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ବିଭାଗ

.......

ପତ୍ର ସଂଖ୍ୟା – ଭିଏଲ-ଲୋଡ-ଲୋଡ଼ସ- 0045 / 2014- 32698 /ସା.ପ୍ର. ତାରିଖ 08.12.2014

ପ୍ରେରକ

ଶ୍ରୀ ଉଦ୍ଧବ ଚରଣ କର,
ଅତିରିକ୍ତ ଶାସନ ସଚିବ ।

ପ୍ରାପକ

ସମସ୍ତ ବିଭାଗ ।
ସମସ୍ତ ମୁଖ୍ୟବିଭାଗୀୟ ଦପ୍ତର ।
ସମସ୍ତ ଜିଲ୍ଲାପାଳ ।

ବିଷୟ: **ସରକାରୀ ଦପ୍ତରରେ ଓଡ଼ିଆ ଭାଷାର ବ୍ୟବହାର ।**

ପ୍ରସଙ୍ଗ: ସାଧାରଣ ପ୍ରଶାସନ ବିଭାଗର ପତ୍ର ସଂଖ୍ୟା 10552 ତା 17.04.2013 ଓ ପତ୍ର ସଂଖ୍ୟା 16086 ତା 12.06.2013 ରିଖ ।

ମହାଶୟା /ମହାଶୟ,

ମୁଁ ଏତଦ୍ୱାରା ନିର୍ଦ୍ଦେଶକ୍ରମେ ଜଣାଇବାକୁ ଚାହେଁ ଯେ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷା ମାଧ୍ୟମରେ କରିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ଦିଆଯାଇଅଛି । ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ସମସ୍ତ ନଥିପତ୍ର ଓ ପତ୍ରାଳାପ ଓଡ଼ିଆ ଭାଷା ମାଧ୍ୟମରେ ହେବା ଆବଶ୍ୟକ । ସରକାର ସମସ୍ତ ଦପ୍ତରରେ ଓଡ଼ିଆ ଭାଷାର ବ୍ୟାପକ ପ୍ରଚଳନ ଏବଂ ବ୍ୟବହାର ପାଇଁ ଗୁରୁତ୍ୱାରୋପ କରୁଛନ୍ତି । ଏଥି ନିମନ୍ତେ ସମସ୍ତ ବିଭାଗ ମୁଖ୍ୟ ଦପ୍ତର / ସମସ୍ତ ଜିଲ୍ଲାପାଳ ମାନଙ୍କୁ ସାଧାରଣ ପ୍ରଶାସନ ବିଭାଗ ତରଫରୁ ବାରମ୍ବାର ନିବେଦନ କରାଯାଇଆସୁଛି । ତେବେ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବାର ଅଭିଯୋଗ ହସ୍ତଗତ ହେଉଅଛି ।

ସମ୍ପ୍ରତି ବିଧାନସଭାର ବିଗତ ଦୁଇ ଅଧିବେଶନରେ ମାନ୍ୟବର ବିଧାୟକ ମାନେ ସରକାରୀ କାର୍ଯ୍ୟରେ ବ୍ୟାପକ ଭାବେ ଓଡ଼ିଆ ଭାଷାର ପ୍ରଚଳନ ଓ ପ୍ରସାର ହେଉନଥିବାରୁ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ତେଣୁ ଆପଣଙ୍କୁ ପୁନଶ୍ଚ ନିବେଦନ କରାଯାଉଅଛି ଯେ ସରକାରୀ ଦପ୍ତରରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର ପାଇଁ ଉଚିତ ପଦକ୍ଷେପ ନିଆଯାଉ ଓ ପୂର୍ବରୁ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ଏହି ବିଭାଗକୁ ଯଥାଶୀଘ୍ର ଅବଗତ କରାନ୍ତୁ ।

ଏହା ଅତ୍ୟନ୍ତ ଜରୁରୀ ମନେ କରାଯାଇପାରେ ।

ଆପଣଙ୍କ ବିଶ୍ୱସ୍ତ

ଅତିରିକ୍ତ ଶାସନ ସଚିବ